ପ୍ରେସ୍ ନୋଟ୍

# ମୁଖ୍ୟ ଶାସନ ସଚିବଙ୍କ ଅନୁଗୋଳ ଜିଲ୍ଲା ଗସ୍ତ –
# ବିଭିନ୍ନ ପ୍ରକଳ୍ପରକ୍ଷେତ୍ରାନ୍ନ୍ୱୟନ ଅଗ୍ରଗତି ସମୀକ୍ଷା ।
# ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ ।

ଅନୁଗୋଳ, ତା.୨୮.୧୧:- ରାଜ୍ୟ ସରକାରଂକ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଆଜି ଅନୁଗୋଳ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିବା ସହ ଏହାର କ୍ଷେତ୍ର ସ୍ତରୀୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଅନୁଗୋଳ ସହରସ୍ଥିତ ହୁଲୁରୁସିଙ୍ଗା ଠାରେ ନିର୍ମାଣ ହେଉଥିବା ବିଶ୍ୱ ସ୍ତରୀୟ ପାଠାଗାର ସହ ସମ୍ମିଳନୀ କକ୍ଷ ଓ ଅତ୍ୟାଧୁନିକ ସଂଗ୍ରହାଳୟର ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଥିଲେ । ଦୁଇ ମହଲା ବିଶିଷ୍ଟ ଏହି ଗୃହର ବିଦ୍ୟୁତ୍ ସଂଯୋଗ ଓ ଅନ୍ୟାନ୍ୟ ଆନୁସଂଗିକ କାର୍ଯ୍ୟକୁ ତୁରନ୍ତ ସାରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱରେ ନିର୍ମାଣ ହେଉଥିବା ଟ୍ରଉମା କେୟାର ସେଣ୍ଟରକୁ ବୁଲି ଦେଖିବା ସହ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସାରିବାକୁ ପରାମର୍ଶ ଦେଇଥିଲେ । ଏହା ପୁର୍ବରୁ ସେ ବାରଗୌଉଣିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁରୁଶୁନି ଗ୍ରାମୀଣ ପର୍ଯ୍ୟଟନ ପାର୍କକୁ ବୁଲି ଦେଖିଥିଲେ । ଶଂଖପୁରୁ ଗ୍ରାମ ପଞ୍ଚାୟତକୁ ପରିଦର୍ଶନରେ ଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଛତୁଆ ପ୍ରସ୍ତୁତି ୟୁନିଟ୍‌କୁ ବୁଲି ଦେଖିଥିଲେ । ପରେ ମୁଖ୍ୟ ଶାସନ ସଚିବ ଅନୁଗୋଳ ସହରର ସ୍ୱାସ୍ଥ୍ୟ କରିଡରକୁ ବୁଲି ଦେଖିବା ସହ ନାଲକୋର ଆଲୁମିନିୟମ ପାର୍କକୁ ପରିଦର୍ଶନରେ ଯାଇଥିଲେ । ତୁରନ୍ତ ସେଠାରେ ପାଚେରୀ ନିର୍ମାଣ କରିବା ସହ ଅନ୍ୟାନ୍ୟ ଆନୁସଂଗୀକ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ ।

ଖଲାରି ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ରୁପାନ୍ତରଣ(Transformation) କାର୍ଯ୍ୟକୁ ସମୀକ୍ଷା କରିଥିଲେ । ଏହି ରୁପାନ୍ତରଣ କାର୍ଯ୍ୟରେ ସ୍ମାର୍ଟ କ୍ଲାସ୍ ରୁମ୍,ଇ-ଲାଇବ୍ରେରୀ,ସାଇନ୍ସ ଲାବରଟୋରୀ, ସ୍କୁଲ ଆମ୍ବିଆନ୍ସ, କ୍ରୀଡା ଭିତ୍ତିଭୂମୀ, ଟଏଲେଟ, ପାନୀୟ ଜଳ ସୁବିଧା ସମ୍ପର୍କରେ ଶିକ୍ଷକମାନଂକ ସହିତ ଆଲୋଚନା କରିଥିଲେ । ଏହାଛଡା ଖଲାରି ଉଚ୍ଚ ବିଦ୍ୟାଳୟରେ ରାଜ୍ୟର ପ୍ରଥମ ୩ ଡି ଇଣ୍ଟରଆକ୍ଟିଭ ରୁମ୍ ସମ୍ପର୍କରେ ପଚାରି ବୁଝିଥିଲେ । ଏଠାରେ ପିଲାମାନେ ଆରଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ବିଭିନ୍ନ ତଥ୍ୟ ଜାଣି ପାରିବେ ।

ମୁଖ୍ୟ ଶାସନ ସଚିବଂକ ଏହି ଗସ୍ତ ସମୟରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍ , ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।





